**ଅନିଶ୍ଚିତ ନ୍ୟାୟ:**

ଉତ୍ତର ପୂର୍ବ ଦିଲ୍ଲୀ ହିଂସା ୨୦୨୦ ଉପରେ ଏକ ନାଗରିକ କମିଟି ରିପୋର୍ଟ
ନ୍ୟାୟମୂର୍ତ୍ତି ମଦନ ବି. ଲୋକୁର
ନ୍ୟାୟମୂର୍ତ୍ତି ଏ.ପି. ଶାହା
ନ୍ୟାୟମୂର୍ତ୍ତି ଆର. ଏସ୍. ଶୋଧି
ନ୍ୟାୟମୂର୍ତ୍ତି ଅଞ୍ଜନା ପ୍ରକାଶ
ଜି. କେ. ପିଲ୍ଲାଇ, ଆଇଏଏସ୍ (ଅବସରପ୍ରାପ୍ତ)

**କାର୍ଯ୍ୟନିର୍ବାହୀ ସାରାଂଶ**

~~**ଅନିଶ୍ଚିତ ନ୍ୟାୟ:**~~

~~ଉତ୍ତର ପୂର୍ବ ଦିଲ୍ଲୀ ହିଂସା ୨୦୨୦ ଉପରେ ଏକ ନାଗରିକ କମିଟି ରିପୋର୍ଟ~~
~~ନ୍ୟାୟମୂର୍ତ୍ତି ମଦନ ବି. ଲୋକୁର, ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି (ଅଧ୍ୟକ୍ଷ)~~
~~ନ୍ୟାୟମୂର୍ତ୍ତି ଏ. ପି. ଶାହା, ମାଡ୍ରାସ ଏବଂ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ଭାରତୀୟ ଆଇନ ଆୟୋଗର ପୂର୍ବତନ ଅଧ୍ୟକ୍ଷ~~
~~ନ୍ୟାୟମୂର୍ତ୍ତି ଆର. ଏସ୍. ଶୋଧି, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି~~
~~ନ୍ୟାୟମୂର୍ତ୍ତି ଅଞ୍ଜନା ପ୍ରକାଶ, ପାଟନା ହାଇକୋର୍ଟର ପୂର୍ବତନ ବିଚାରପତି~~
~~ଜି. କେ. ପିଲ୍ଲାଇ, ଆଇଏଏସ୍ (ଅବସରପ୍ରାପ୍ତ), ପୂର୍ବତନ ଗୃହ ସଚିବ, ଭାରତ ସରକାର~~
~~ସାମ୍ବିଧାନିକ ବିଧି ଗୋଷ୍ଠୀ (ସିସିଜି)ର ଏକ ପଦକ୍ଷେପ~~
~~https://www.constitutionalconduct.com~~

~~ଅକ୍ଟୋବର ୨୦୨୨~~
~~ଏହି ରିପୋର୍ଟରେ ସ୍ଥାନିତ ସାମଗ୍ରୀକୁ ପୂର୍ବ ଲିଖିତ ସହମତି ବିନା ପୁଣି ଥରେ ଉପସ୍ଥାପିତ କରିବା ପାଇଁ ଅନୁମତି ଦିଆ ଯାଉଛି, ଯେ ପର୍ଯ୍ୟନ୍ତ ଉପଯୁକ୍ତ ଆରୋପଣ କରା ଯାଇଥାଏ। ଏହି ରିପୋର୍ଟ ଇଲେକ୍ଟ୍ରୋନିକ୍ ଭାବରେ ନିମ୍ନଲିଖିତ ଠାରେ ଉପଲବ୍ଧ:~~
~~https://www.constitutionalconduct.com and~~
~~https://www.citizenscommitteeondelhiriots.in~~

**କାର୍ଯ୍ୟନିର୍ବାହୀ ସାରାଂଶ**

୨୦୨୦ ମସିହା ଫେବ୍ରୁଆରୀ ୨୩ରୁ ୨୬ ତାରିଖ ମଧ୍ୟରେ ଜିଲ୍ଲା ବ୍ୟାପୀ ସାମ୍ପ୍ରଦାୟିକ ହିଂସା ଯୋଗୁଁ ଉତ୍ତର ପୂର୍ବ ଦିଲ୍ଲୀ ପ୍ରକମ୍ପିତ ହୋଇଥିଲା। ଏଥିରେ ୫୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶହ ଶହ ଲୋକ ଆହତ ହୋଇଥିଲେ। ବାସଗୃହ, ବିଦ୍ୟାଳୟ, ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ପୂଜା ପୀଠଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା। ନାଗରିକ କମିଟିର ଏହି ରିପୋର୍ଟ ହିଂସା ସହ ଜଡ଼ିତ ବିଷୟଗୁଡ଼ିକୁ ଉପସ୍ଥାପିତ କରିଛି। ନାଗରିକ କମିଟି ନିମ୍ନମତେ ଗଠନ କରାଯାଇଥିଲା :

- ନ୍ୟାୟମୂର୍ତ୍ତି ମଦନ ବି. ଲୋକୁର, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି (ଅଧ୍ୟକ୍ଷ);
- ନ୍ୟାୟମୂର୍ତ୍ତି ଏ. ପି. ଶାହା, ମାଡ୍ରାସ ଏବଂ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ତଥା ପୂର୍ବତନ ଅଧ୍ୟକ୍ଷ, ଭାରତୀୟ ଆଇନ ଆୟୋଗ;
- ନ୍ୟାୟମୂର୍ତ୍ତି ଆର୍. ଏସ୍. ଶୋଧି, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି;

- ନ୍ୟାୟମୂର୍ତ୍ତି ଅଞ୍ଜନା ପ୍ରକାଶ, ପାଟନା ହାଇକୋର୍ଟର ପୂର୍ବତନ ବିଚାରପତି; ଏବଂ
- ଜି. କେ. ପିଲ୍ଲାଇ, ଆଇଏଏସ୍ (ଅବସରପ୍ରାପ୍ତ), ପୂର୍ବତନ ଗୃହ ସଚିବ, ଭାରତ ସରକାର ।

ତିନି ଭାଗରେ ସଂଗଠିତ ହୋଇଥିବା କମିଟିର ରିପୋର୍ଟରେ ହିଂସାର ବିଭିନ୍ନ ଦିଗର ଉତ୍ପତ୍ତି, ପ୍ରକୃତି ଏବଂ ପରବର୍ତ୍ତୀ ସମୟରେ ହିଂସାର ବିଭିନ୍ନ ଦିଗକୁ ଯାଂଚ କରାଯାଇଛି । ପ୍ରଥମ ଭାଗରେ ନାଗରିକତା ଆଇନ ସଂଶୋଧନ ପରେ ଯାହା ହୋଇଥିଲା, ଯେମିତିକି ହିଂସାର ସୃଷ୍ଟି, ଏହାର ଗତିପଥ ଏବଂ ରାଷ୍ଟ୍ରର ପ୍ରତିକ୍ରିୟାକୁ ବିଶ୍ଲେଷଣ କରାଯାଇଛି । ଦ୍ୱିତୀୟ ଭାଗଟି ହିଂସା ପୂର୍ବରୁ ଏବଂ ପରେ ଧ୍ରୁବୀକୃତ କାହାଣୀଗୁଡ଼ିକୁ ପ୍ରସାରିତ କରିବାରେ ଟେଲିଭିଜନ୍ ଏବଂ ସୋସିଆଲ୍ ମିଡିଆଗୁଡ଼ିକ ଦ୍ୱାରା ନିର୍ବାହ କରାଯାଇଥିବା ଭୂମିକାକୁ ଆକଳନ କରିଛି । ତୃତୀୟ ଭାଗରେ ହିଂସା ଘଟଣାରେ ଦିଲ୍ଲୀ ପୁଲିସ୍ ପକ୍ଷରୁ କରାଯାଇଥିବା ତଦନ୍ତ ପ୍ରକ୍ରିୟାର ଏକ ଆଇନଗତ ବିଶ୍ଳେଷଣ ଏବଂ ବେଆଇନ୍ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ, ୧୯୬୭ (ୟୁଏପିଏ)ର ବ୍ୟବହାର ସ୍ଥାନ ପାଇଛି ।

## ସମ୍ପ୍ରଦାୟ ମଧ୍ୟରେ ଦ୍ୱନ୍ଦ୍ୱକୁ ପ୍ରୋତ୍ସାହିତ କରିବା ନିମନ୍ତେ ଘୃଣା ସୃଷ୍ଟି

ହିଂସା ଘଟିବାର କିଛି ମାସ ପୂର୍ବରୁ ସମ୍ପ୍ରଦାୟ ଗୁଡ଼ିକ ଭିତରେ ବିଭାଜନ, ବିଶେଷକରି ମୁସଲମାନ ବିରୋଧୀ ଘୃଣା ଜାଣିଶୁଣି ସୃଷ୍ଟି କରାଯାଇଥିଲା । ଡିସେମ୍ବର ୨୦୧୯ରେ ପାରିତ ହୋଇଥିବା ନାଗରିକତା (ସଂଶୋଧନ) ଅଧିନିୟମ, ୨୦୧୯ (ସିଏଏ)ର ମିଳିତ ପ୍ରଭାବରୁ ସୃଷ୍ଟ ନାଗରିକତ୍ୱ ହରେଇବାର ଅତ୍ୟଧିକ ଭୟ ସହିତ ମୁସଲିମ ସମ୍ପ୍ରଦାୟ ସଂଗ୍ରାମ କରୁଥିଲା । ଏହା ସହିତ ନାଗରିକ ପଞ୍ଜିକା ପ୍ରକ୍ରିୟା ମାଧ୍ୟମରେ ସମ୍ଭାବ୍ୟ ବହିଷ୍କାରର ଭୟ ମଧ୍ୟ ଥିଲା । ଡିସେମ୍ବର ୨୦୧୯ ମଧ୍ୟଭାଗରେ ଦେଶବ୍ୟାପି ଏହି ଆଇନ ବିରୁଦ୍ଧରେ ବିରୋଧ ଆରମ୍ଭ ହୋଇଥିଲା । ସିଏଏ ବିରୋଧୀ ଆନ୍ଦୋଳନର କେନ୍ଦ୍ର ଥିଲା ଦିଲ୍ଲୀ । ଉତ୍ତରପୂର୍ବ ଦିଲ୍ଲୀର ବହୁସ୍ଥାନରେ ଧାରଣା ଦିଆଯାଇଥିଲା ।

ଏହି ପୃଷ୍ଠଭୂମିରେ, ଜାନୁଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଦ୍ରୁତତର ହୋଇଥିଲା । ଭାରତୀୟ ଜନତା ପାର୍ଟି (ବିଜେପି) ଏହାର ନିର୍ବାଚନ ପ୍ରଚାରକୁ ସିଏଏର ପ୍ରସଙ୍ଗ ଉପରେ କେନ୍ଦ୍ରିତ କରିଥିଲା, ସିଏଏକୁ ବିରୋଧ କରିବା ରାଷ୍ଟ୍ର ବିରୋଧୀ ତଥା ହିଂସାତ୍ମକ ରୂପେ ଦର୍ଶାଇ ଥିଲା । ନିର୍ବାଚନ ସମାବେଶ ତଥା ସାଧାରଣ ପ୍ରଦର୍ଶନରେ କପିଲ ମିଶ୍ର ଏବଂ ଅନୁରାଗ ଠାକୁରଙ୍କ ପରି ପ୍ରାର୍ଥୀ ତଥା ଦଳୀୟ ନେତାମାନେ ପ୍ରଦର୍ଶନକାରୀମାନଙ୍କୁ 'ଦେଶଦ୍ରୋହୀ' ଭାବରେ ଚିତ୍ରଣ କରିଥିଲେ । ତଥାକଥିତ 'ଦେଶଦ୍ରୋହୀ'ଙ୍କ ବିରୁଦ୍ଧରେ ହିଂସା ପାଇଁ ଆହ୍ୱାନ, 'ଗୋଲି ମାରୋ' (ଦେଶଦ୍ରୋହୀଙ୍କୁ ଗୁଳି କର) ସ୍ଲୋଗାନ୍ ଆକାରରେ, ବିନା କଟକଣାରେ ବାରମ୍ବାର ଦୋହରା ଯାଇଥିଲା । ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲ ଏବଂ ସୋସିଆଲ ମିଡିଆ ଦ୍ୱାରା ବିରୋଧ ଏବଂ ମୁସଲମାନ ବିରୋଧୀ ଘୃଣାକୁ ଓ ପ୍ରତିବାଦର ନିନ୍ଦାକୁ ବହୁଳ ଭାବରେ ପ୍ରଚାର କରାଗଲା ।

ସିଏଏକୁ ନେଇ ଯେଉଁ ବିରୋଧ ପ୍ରଦର୍ଶନ କରାଯାଉଥିଲା, କମିଟି ସେ ସମ୍ବନ୍ଧୀୟ ଟେଲିଭିଜନ୍‌ରେ ପ୍ରସାରିତ ତଥ୍ୟର ଏକ ପରୀକ୍ଷାମୂଳକ ବିଶ୍ଳେଷଣ କରିଥିଲା । ଏହା ୬ଟି ସର୍ବାଧିକ ଦେଖାଯାଇଥିବା ଟେଲିଭିଜନ୍ ସମ୍ବାଦ ଚ୍ୟାନେଲଗୁଡ଼ିକର ପ୍ରାଇମ ଟାଇମ୍ ଶୋ'ର ଡିସେମ୍ବର ୨୦୧୯ରୁ ଫେବୃଆରୀ ୨୦୨୦ରେ ପ୍ରସାରିତ ଏପିସୋଡଗୁଡିକ ଉପରେ କେନ୍ଦ୍ରୀଭୂତ ହୋଇଥିଲା । ଏଗୁଡ଼ିକ ହେଲା ରିପବ୍ଲିକ୍, ଟାଇମ୍ସ ନାଓ (ଇଂରାଜୀ), ଆଜ୍ ତକ୍, ଜି ନ୍ୟୁଜ୍, ଇଣ୍ଡିଆ ଟିଭି, ଏବଂ ରିପବ୍ଲିକ୍ ଭାରତ (ହିନ୍ଦୀ) । ଆମେ ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ପ୍ରାସଙ୍ଗିକ ପୋଷ୍ଟଗୁଡ଼ିକର ମଧ୍ୟ ଯାଂଚ କରିଥିଲୁ । ବିଶ୍ଲେଷଣରୁ ଜଣାପଡ଼ିଛି ଯେ ସିଏଏ ବିରୋଧ ସମ୍ବନ୍ଧିତ ଘଟଣାଗୁଡ଼ିକୁ ଚ୍ୟାନେଲର ରିପୋର୍ଟ ମୁସଲମାନ ସମ୍ପ୍ରଦାୟ ପ୍ରତି ରହିଥିବା ପକ୍ଷପାତୀ ମନୋଭାବ ଏବଂ ସନ୍ଦେହ ସହିତ ଏହି ପ୍ରସଙ୍ଗଗୁଡ଼ିକୁ 'ହିନ୍ଦୁ ବନାମ ମୁସଲମାନ' ଭାବରେ ପ୍ରସ୍ତୁତ କରିଛି । ଏହି ଚ୍ୟାନେଲଗୁଡ଼ିକ ସିଏଏ ବିରୋଧୀ ପ୍ରଦର୍ଶନକୁ ବଦନାମ କରିବା, ମନଗଢ଼ା ଷଡଯନ୍ତ୍ର ଆଖ୍ୟା ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ ।

ଯତି ନରସିଂହାନନ୍ଦ ଏବଂ ରାଗିଣୀ ତିୱାରୀଙ୍କ ପରି ହିନ୍ଦୁ ଜାତୀୟତାବାଦୀ ବ୍ୟକ୍ତିବିଶେଷ ଏବଂ କପିଲ ମିଶ୍ରଙ୍କ ପରି ବିଜେପି ରାଜନେତାମାନେ ଡିସେମ୍ବର ୨୦୧୯ରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ସେମାନଙ୍କ ହଜାର ହଜାର ଅନୁସରଣକାରୀଙ୍କ ମଧ୍ୟରେ ଘୃଣାର ବାର୍ତ୍ତା ପ୍ରସାର କରିଥିଲେ ।

ରାଜନେତାମାନଙ୍କର, ଟେଲିଭିଜନ୍ ସମ୍ବାଦ ଚ୍ୟାନେଲ୍ର ଏବଂ ହିନ୍ଦୁ ଜାତୀୟତାବାଦୀ ବ୍ୟକ୍ତିମାନଙ୍କର ଶକ୍ତିଶାଳୀ ଏବଂ ଦୂରଗାମୀ ସ୍ୱରର ସଙ୍ଗମ ଘୃଣାତ୍ମକ କାହାଣୀର ବାହକ ଭାବରେ ମୁଣ୍ଡ ଟେକିଥିଲା । ଏହି କମିଟି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଘୃଣାର ବ୍ୟାପକତା ଏପରି ଏକ ପରିବେଶ ସୃଷ୍ଟି କରିବାରେ ଯଥେଷ୍ଟ ସାହାଯ୍ୟ କରିଥିଲା, ଯେଉଁଥିରେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ, ମୁସଲମାନ ସମ୍ପ୍ରଦାୟ ବିରୁଦ୍ଧରେ ହିଂସା ନିମନ୍ତେ ଉସୁକାଇବା ଗ୍ରହଣୀୟ ହୋଇ ଯାଇଥିଲା ।

## ହିଂସାର ମୁଖ

ଦେଶବ୍ୟାପି ବିରୋଧର ଆହ୍ୱାନର ଜବାବରେ ଉତ୍ତର ପୂର୍ବ ଦିଲ୍ଲୀର ସିଲମପୁର - ଜାଫ୍ରାବାଦ ଅଂଚଳରେ ସିଏଏ ବିରୋଧୀ ମହିଳା ବିକ୍ଷୋଭକାରୀମାନେ ଫେବ୍ରୁଆରୀ ୨୨, ୨୦୨୦ ରାତିରେ ଜାଫ୍ରାବାଦ ମେଟ୍ରୋ ଷ୍ଟେସନ ବାହାରେ ରାସ୍ତା ଅବରୋଧ କରିଥିଲେ । ଫେବ୍ରୁଆରୀ ୨୩ ସକାଳଠାରୁ ବିଜେପି ନେତାମାନେ, ମୁଖ୍ୟତଃ କପିଲ ମିଶ୍ର, ଏବଂ ତାଙ୍କ ସହିତ ରାଗିଣୀ ତିୱାରୀଙ୍କ ଭଳି ହିନ୍ଦୁ ଜାତୀୟତାବାଦୀ ବ୍ୟକ୍ତିତ୍ୱମାନେ ଏହି ଗୋଷ୍ଠୀ ବିରୋଧରେ ସଂଗଠିତ ହୋଇ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇଥିଲେ । ସେହି ଦିନ ଅପରାହ୍ନ ପ୍ରାୟ ୪ଟା ସମୟରେ କପିଲ ମିଶ୍ର ନୂତନ ସିଏଏ ବିରୋଧୀ ଧାରଣା ସ୍ଥାନ ନିକଟରେ, ମୌଜପୁର ଚୌକରେ, ଏକ ଅଭିଭାଷଣ ପ୍ରଦାନ କରିଥିଲେ । ୩ ଦିନ ମଧ୍ୟରେ ସେ ଜାଫ୍ରାବାଦ ଏବଂ ଚାନ୍ଦ୍ ବାଗ୍ରେ ରାସ୍ତା ଜାମ୍ ସଫା କରିବାକୁ ଦିଲ୍ଲୀ ପୁଲିସକୁ ଏକ ଅନ୍ତିମ ଚେତାବନୀ ଦେଇଥିଲେ, ନଚେତ୍ ସେ ଏବଂ ତାଙ୍କ ସମର୍ଥକମାନେ ନିଜେ ରାସ୍ତା ଖାଲି କରିବେ ବୋଲି ଉଲ୍ଲେଖ କରିଥିଲେ । ସେ ଏହି ଅଂଚଳରେ ଘଟୁଥିବା ସିଏଏ ବିରୋଧୀ ପ୍ରଦର୍ଶନ ବିଷୟରେ କହିଥିଲେ । ତାଙ୍କ ଭାଷଣର କିଛି ସମୟ ପରେ ମୌଜପୁର ଏବଂ ଜାଫ୍ରାବାଦରେ ସିଏଏ ସମର୍ଥକ ଏବଂ ସିଏଏ - ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଟେକା ପଥର ଫିଙ୍ଗିବା ଆରମ୍ଭ ହୋଇ ଯାଇଥିଲା । ଏହା ସ୍ପଷ୍ଟ ହୋଇ ଯାଉଛି ଯେ ୨୨-୨୩ ଫେବ୍ରୁଆରୀରେ ପ୍ରସାରିତ ହୋଇଥିବା ଘୃଣାର ବିଷୟବସ୍ତୁ ହିଂସାକୁ ଉସୁକାଇବା, ଉତ୍ସାହିତ କରିବା ଏବଂ ଉତ୍ତେଜିତ କରିବା ପାଇଁ ପରିକଳ୍ପନା କରାଯାଇଥିଲା ଏବଂ ଏହିଭଳି ଭାବେ ଏହି ଡାକରା ଗୁଡିକ ହିଂସା ଆରମ୍ଭ ହେବା ପାଇଁ ତୁରନ୍ତ ପ୍ରୋତ୍ସାହକ ଭାବରେ କାର୍ଯ୍ୟ କରିଥିବା ପରି ମନେହୁଏ ।

୨୪ ଫେବ୍ରୁଆରୀ ସକାଳ ସୁଦ୍ଧା ମଉଜପୁର- ଜାଫ୍ରାବାଦ ତ୍ରୁଟି ରେଖା ଉପରେ ପଥର ଫିଙ୍ଗିବା ସାମୂହିକ ରୂପରେ ହିଂସାରେ ପରିବର୍ତ୍ତିତ ହୋଇ ଯାଇଥିଲା । ଉଭୟ ପକ୍ଷର ଗୋଷ୍ଠୀମାନଙ୍କ ଦ୍ୱାରା ପଥର ଫିଙ୍ଗିବା, ନିଆଁ ଲଗାଇବା ଏବଂ ବନ୍ଧୁକ ଚାଳନା ମାଧ୍ୟମରେ ହିଂସା ସୃଷ୍ଟି କରିବା ପରବର୍ତ୍ତୀ କିଛି ଦିନ ମଧ୍ୟରେ ସମଗ୍ର ଉତ୍ତର ପୂର୍ବ ଦିଲ୍ଲୀର ବିଭିନ୍ନ ଅଂଚଳରେ ବ୍ୟାପି ଯାଇଥିଲା । ହିଂସା ବିଷୟରେ ଖବର ଦେଉଥିବା ସାମ୍ବାଦିକଙ୍କ ଉପରେ ଆକ୍ରମଣ ହୋଇଥିଲା । ପୁଲିସର ସହାପରାଧିତା ହିଂସାର ସ୍ୱଭାବରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତର ଯୋଡି ଦେଇଥିଲା ।

ଉତ୍ତର ପୂର୍ବ ଦିଲ୍ଲୀରେ ହିଂସା ପ୍ରଥମେ ସିଏଏ ସମର୍ଥକ ଏବଂ ସିଏଏ ବିରୋଧୀ ଶିବିର ବିରୁଦ୍ଧରେ ଆରମ୍ଭ ହୋଇଥିବାବେଳେ ଏହା ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ହିଂସାର ରୂପ ନେଇଥିଲା । ହିଂସା ପୂର୍ବର ମୁସଲମାନ ବିରୋଧୀ ଘୃଣା ବଢି ଚାଲିଥାଏ । ଦଙ୍ଗାକାରୀ ମାନଙ୍କ ମଧ୍ୟରେ ସଂଘର୍ଷରେ ଉଭୟ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ମୁସଲମାନ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ସେମାନଙ୍କ ଘର, ବ୍ୟବସାୟ ଏବଂ ପୂଜାସ୍ଥଳୀ ପର୍ଯ୍ୟନ୍ତ ବିଶେଷ ଲକ୍ଷ୍ୟରେ ଥିଲା । ଲକ୍ଷ୍ୟଭୁକ୍ତ ତଥା ସାଧାରଣ ହିଂସାର ଏହି ଗମ୍ଭୀର ମିଶ୍ରଣରେ ୪୦ ଜଣ ମୁସଲମାନ ଏବଂ ୧୩ ଜଣ ହିନ୍ଦୁଙ୍କର ମୃତ୍ୟୁ ଘଟିଥିଲା । କମିଟି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ ପୂର୍ବ ମାସ ଗୁଡିକରେ ହିନ୍ଦୁ- ମୁସଲମାନ  ବିଭାଜନ ନୀତି, ଶେଷରେ ସାମ୍ପ୍ରଦାୟିକ ହିଂସା ଭାବେ ରୂପାନ୍ତରିତ ହୋଇଥିଲା । ସାମାଜିକ ସମ୍ପର୍କ ବଦଳାଇବାକୁ ଏହି ପ୍ରୟାସରେ, ମୁସଲମାନଙ୍କ ପରିଚୟ ଏବଂ ସ୍ୱାଧୀନତା ହ୍ରାସ ପାଇଲା  । ଏହି କମିଟି ଚାନ୍ଦ୍ ବାଗ୍, କର୍ଦ୍ଦମପୁରୀ, ଜାଫ୍ରାବାଦ, ମୁସ୍ତାଫାବାଦ ଏବଂ ଖଜୁରୀ ଖାସ ସମେତ ସିଏଏ ବିରୋଧୀ ପ୍ରଦର୍ଶନ ସ୍ଥଳଗୁଡ଼ିକ ଉପରେ ବିଶେଷ ଉଲ୍ଲେଖ କରିଛନ୍ତି । ସିଏଏ ବିରୋଧୀ ଭାବନା ଉପରେ ଲଗାମ ଲଗାଇବା ପାଇଁ ପ୍ରୟାସ ଏହି ହିଂସା ମାଧ୍ୟମରେ କରାଯାଇଥିବା ମନେ ହୁଏ ।

## ଦଙ୍ଗା ରୋକିବାରେ ରାଷ୍ଟ୍ରର ବିଫଳତା

ଫେବ୍ରୁଆରୀ ୨୦୨୦ ହିଂସାର ସମସ୍ତ ପର୍ଯ୍ୟାୟ- ଆରମ୍ଭ, ଘଟଣା ଘଟିବା ସମୟ ଏବଂ ଏହାର ପରବର୍ତ୍ତୀ ସମୟରେ - ଗଣତାନ୍ତ୍ରିକ ମୂଲ୍ୟବୋଧ ଅତ୍ୟଧିକ ପରିମାଣରେ ଦୁର୍ବଳ ହୋଇଥିବାର ସୂଚନା ଦିଏ । ଦୁଃଖର ବିଷୟ ଏହା ଯେ ଯେଉଁ ସାମ୍ପ୍ରଦାୟିକ ଧ୍ରୁବୀକରଣ ହିଂସାକୁ ଆରମ୍ଭ କରିଛି, ତାହା ହିଂସାକୁ ନେଇ ରାଷ୍ଟ୍ର ପ୍ରତିକ୍ରିୟା ଦ୍ୱାରା ଅଧିକ ଦୃଢ଼ ହୋଇଯାଇଛି ।

## ଦିଲ୍ଲୀ ପୁଲିସ

ଫେବ୍ରୁଆରୀ ୨୩ ପର୍ଯ୍ୟନ୍ତ ଓ ସେହି ଦିନ ଦିଲ୍ଲୀ ପୁଲିସ୍ ରାଜନୈତିକ ଦଳର ନେତା ତଥା ଅନ୍ୟମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଘୃଣାତ୍ମକ ଭାଷଣ ବିରୋଧରେ ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହୋଇଥିଲା । ପୁଲିସ ବିରୋଧରେ ଦଙ୍ଗାକାରୀଙ୍କୁ ସାହାଯ୍ୟ କରିବା ମୁସଲମାନମାନଙ୍କ ଉପରେ ଆକ୍ରମଣ, ସିଏଏ ବିରୋଧୀ ସ୍ଥାନ ଏବଂ ମସ୍‌ଜିଦ ଉପରେ ଆକ୍ରମଣରେ ଅଂଶଗ୍ରହଣ କରିବା ଇତ୍ୟାଦି ଅଭିଯୋଗ ମାମଲା ରୁଜୁ କରାଯାଇଛି । ପ୍ରତ୍ୟକ୍ଷଦର୍ଶୀ, ଗଣମାଧମ ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ନିକଟରୁ ଏହାକୁ ନେଇ ତଥ୍ୟ ସଂଗ୍ରହ କରାଯାଇଛି । କମିଟି ସୀମିତ, କିନ୍ତୁ ବିଶ୍ୱସନୀୟ ତଥ୍ୟ ହାସଲ କରିଛି ଯାହା ହିଂସା ଘଟଣାରେ ପୁଲିସର ସମ୍ପୃକ୍ତି ସହିତ ପୁଲିସର ବିଫଳତା ଗୁଡ଼ିକ ସମ୍ପର୍କରେ ସଙ୍କେତ ପ୍ରଦାନ କରୁଛି । ସେଥିପାଇଁ ଏକ ନିରପେକ୍ଷ ପ୍ରକ୍ରିୟା ମାଧମରେ ଅଧିକ ଅନୁସନ୍ଧାନ ଆବଶ୍ୟକ ହେଉଛି । ଏହି ତଦନ୍ତ ଅଦାଲତରେ ତଦାରଖରେ ହେବା ଆବଶ୍ୟକ ।

## ଗୃହ ବ୍ୟାପାର ମନ୍ତ୍ରଣାଳୟ

ସଂପୂର୍ଣ୍ଣ ଘଟଣାରେ ଭାରତ ସରକାରଙ୍କର, ମୁଖ୍ୟତଃ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ)ର ପ୍ରତିକ୍ରିୟା ସମ୍ପୂର୍ଣ୍ଣ ଅପର୍ଯ୍ୟାପ୍ତ ଥିଲା । ଉଭୟ ଦିଲ୍ଲୀ ପୁଲିସ୍ ଏବଂ କେନ୍ଦ୍ର ସାମରିକ ବାହିନୀ ଉପରେ ଏମ୍‌ଏଚ୍‌ଏର ନିୟନ୍ତ୍ରଣ ରହିଥିବା ସତ୍ତ୍ୱେ ସାମ୍ପ୍ରଦାୟିକ ହିଂସା ବିସ୍ତାରକୁ ରୋକିବା କ୍ଷେତ୍ରରେ ଏହା ପ୍ରଭାବଶାଳୀ ପଦକ୍ଷେପ ନେବାରେ ବିଫଳ ହୋଇଥିଲା । ଫେବ୍ରୁଆରୀ ୨୪ ଏବଂ ୨୫ରେ ପୁଲିସର ବରିଷ୍ଠ ଅଧିକାରୀ ତଥା ସରକାରୀ କର୍ମଚାରୀଙ୍କ ଦ୍ୱାରା ବାରମ୍ବାର ଆଶ୍ୱାସନା ଦିଆଯାଇଥିଲା ଯେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି, ଯାହାକି ସେହି ସ୍ଥାନର ଦୃଶ୍ୟ ସହିତ ଆଦୌ ମେଳ ଖାଉ ନାହିଁ । ଯଦିଓ ଦିଲ୍ଲୀ ପୁଲିସ୍‌ର ଆଭ୍ୟନ୍ତରୀଣ ସତର୍କତା ବିଭାଗ ଫେବ୍ରୁଆରୀ ୨୩ରେ ଉତ୍ତର ପୂର୍ବ ଦିଲ୍ଲୀରେ ପୁଲିସର ମୁତୟନକୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲା, ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ ମୁତୟନ କେବଳ ୨୬ ଫେବ୍ରୁଆରୀରେ ବୃଦ୍ଧି ପାଇଥିଲା । ଏଥିରୁ ଜଣାପଡେ ଯେ ୨୪-୨୫ ଫେବ୍ରୁଆରୀରେ ପୁଲିସ୍ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇ ନଥିଲା, ଯଦିଓ ଏହି ଦିନ ଉତ୍ତର ପୂର୍ବ ଦିଲ୍ଲୀର ପୁଲିସ୍ ଥାନାକୁ ସର୍ବାଧିକ ଆପତକାଳୀନ କଲ୍ ଆସିଥିଲା । ଏହି କମିଟି ସିଦ୍ଧାନ୍ତରେ ପହଂଚିଛି ଯେ ହିଂସାର ଜବାବ ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଫଳତାର ଏକ ଗମ୍ଭୀର ତଦନ୍ତ ଆବଶ୍ୟକ । ହିଂସା ସମୟରେ ଗୁଇନ୍ଦା ବିଭାଗ, ସମୁଦାୟ ପୁଲିସ ଏବଂ ଅନ୍ୟାନ୍ୟ ସୁରକ୍ଷା ବଳର ପ୍ରଭାବିତ ଅଂଚଳଗୁଡ଼ିକରେ ମୁତୟନ ଇତ୍ୟାଦିର ବିସ୍ତୃତ ନିରପେକ୍ଷ ସମୀକ୍ଷା ଜରୁରୀ ଅଟେ ।

## ଦିଲ୍ଲୀ ସରକାର

କମିଟି ଏହା ମଧ ଜାଣିବାକୁ ପାଇଛି ଯେ ଦିଲ୍ଲୀ ସରକାର ଫେବ୍ରୁଆରୀ ୨୩ ପର୍ଯ୍ୟନ୍ତ ଦଙ୍ଗାର ଆଭାସ ଥାଇ ମଧ ସମ୍ପ୍ରଦାୟ ଗୁଡ଼ିକ ମଧରେ ମଧସ୍ଥତା କରିବା ଉଦ୍ୟମ କରିନଥିଲେ । ଦିଲ୍ଲୀ ପୋଲିସ୍ କେନ୍ଦ୍ରର ରାଜନୈତିକ ନିୟନ୍ତ୍ରଣରେ ଥିଲେ ମଧ କମିଟି ଅନୁଭବ କରୁଛି ଯେ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ନାଗରିକ ମଧସ୍ଥତା ଏବଂ ରାଜ୍ୟ ସ୍ତରର ଭୂମିକା ନିର୍ବାହ କରିବାରେ ରାଜ୍ୟ ସରକାର ବିଫଳ ହୋଇଛି । ଅଧିକନ୍ତୁ, ହିଂସା ଦ୍ୱାରା ପ୍ରଭାବିତ ଲୋକଙ୍କୁ ଠିକ୍ ସମୟରେ ପର୍ଯ୍ୟାପ୍ତ ରିଲିଫ ଏବଂ କ୍ଷତିପୂରଣ ଦେବାରେ ଦିଲ୍ଲୀ ସରକାର ବିଫଳ ହୋଇଛନ୍ତି । ସରକାର ଏବଂ ଦାବି ଆୟୋଗ (କ୍ଲେମ୍ କମିଶନ) ଦ୍ୱାରା କରା ଯାଇଥିବା କ୍ଷତିପୂରଣର ଅନୁମୋଦନ ବିଳମ୍ବିତ ହୋଇଛି; ଯେଉଁ ନିଷ୍ପତ୍ତି ନିଆଯାଇଛି, ସେଥିରେ କ୍ଷତି ସହ କ୍ଷତିପୂରଣର ପରିମାଣ ସମାନ ନହେବା ଚିନ୍ତାର ବିଷୟ ।

## ଦିଲ୍ଲୀ ପୁଲିସର ତଦନ୍ତ

ବର୍ତ୍ତମାନ ସୁଦ୍ଧା, ଦିଲ୍ଲୀ ପୁଲିସ ହିଂସା ସମ୍ପର୍କରେ ମୋଟ ୭୫୮ଟି ଏଫ୍‌ଆଇଆର୍ ପଞ୍ଜିକରଣ କରିଛି । ଅନୁସନ୍ଧାନର ଆରମ୍ଭରେ, ମାର୍ଚ୍ଚ ୨୦୨୦ରେ, ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଏଫ୍‌ଆଇଆର୍ ରିପୋର୍ଟ, ଏଫ୍‌ଆଇଆର୍ ନମ୍ବର ୫୯/୨୦୨୦ (ଏଫ୍‌ଆଇଆର୍ ୫୯) ଦରଜ କରିଥିଲା, ଯେଉଁଥିରେ ଆତଙ୍କବାଦୀ କାର୍ଯ୍ୟକଳାପ ସହ ଜଡ଼ିତ ହିଂସା ଘଟାଇବା ପାଇଁ ପୂର୍ବରୁ ଯୋଜନା କରାଯାଇଥିଲା ବୋଲି ଦାବି କରା ଯାଇଥିଲା ଏହି କାରଣରୁ ୟୁଏପିଏକୁ ଲାଗୁ କରାଗଲା ବୋଲି କୁହାଯାଇଛି । ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ଏଫ୍‌ଆଇଆର୍ ୫୯ରେ ଦାଖଲ ହୋଇଥିବା ପ୍ରଥମ ଚାର୍ଜସିଟ୍ ଉପରେ କମିଟି ବିଶେଷ ଦୃଷ୍ଟି ଦେଇଛି ।

## ୟୁଏପିଏ ଏଫ୍‌ଆଇଆର୍ ଅଧୀନରେ ବିଶାଳ ଷଡ଼ଯନ୍ତ୍ରର ଅଭିଯୋଗ

ଏହି କମିଟି ସବଧାନତାର ସହିତ ଏଫ୍‌ଆଇଆର୍ ୫୯ରେ ଦାଖଲ ହୋଇଥିବା ପ୍ରଥମ ଚାର୍ଜସିଟ୍‌ରେ ଅପରାଧିକ କାର୍ଯ୍ୟ 'ଆତଙ୍କବାଦୀ' କାର୍ଯ୍ୟ ଭାବରେ ବିବେଚିତ ହେବାକୁ ଯୋଗ୍ୟ କି ନୁହେଁ (ଅଧ୍ୟାୟ ୮ ଦେଖନ୍ତୁ), ତାହା ବିଚାର କରିଛି ଏବଂ ଏଥିରେ 'ଏକତା, ଅଖଣ୍ଡତା, ସୁରକ୍ଷା, ଅର୍ଥନୈତିକ ସୁରକ୍ଷା କିମ୍ବା ଭାରତର ସାର୍ବଭୌମତ୍ୱ' ପ୍ରତି ବିପଦ ସୃଷ୍ଟି କରୁଥିବା ପ୍ରମାଣ ସମ୍ପର୍କିତ କୌଣସି ସାମଗ୍ରୀ ମିଳିଲା ନାହିଁ । ପ୍ରଥମ ଚାର୍ଜସିଟ୍ ମଧ୍ୟ ଏହି ପ୍ରସ୍ତାବକୁ ବିଶ୍ୱାସଯୋଗ୍ୟ ଭାବରେ ଉପସ୍ଥାପିତ କରି ପାରି ନଥିଲା ଯେ ସିଏଏ ପ୍ରତ୍ୟାହାରକୁ ସମର୍ଥନ କରୁଥିବା ବ୍ୟକ୍ତିମାନେ ସମ୍ପ୍ରଦାୟରେ ଆତଙ୍କ ସୃଷ୍ଟି କରିବାକୁ ଚାହୁଁଛନ୍ତି । କମିଟିର ବିଶ୍ଳେଷଣରୁ ଏହା ଜଣା ପଡୁଛି ଯେ ଦିଲ୍ଲୀ ପୁଲିସ୍ ଦ୍ୱାରା ଏଫ୍‌ଆଇଆର୍ ୫୯ ପାଇଁ ଚାର୍ଜସିଟ୍‌ରେ ରଖା ଯାଇଥିବା ସାମଗ୍ରୀ ଆତଙ୍କବାଦ ଅପରାଧ ଅଭିଯୋଗର ଆଇନଗତ ସର୍ତ୍ତ ଗୁଡିକୁ ପୂରଣ କରୁନାହିଁ ।

କମିଟି ଆହୁରି ମଧ୍ୟ ଜାଣିବାକୁ ପାଇଛି ଯେ ଏହି ଅଭିଯୋଜିତ ମାମଲାର ମୂଳଦୁଆ - ସାମ୍ପ୍ରଦାୟିକ ଦଙ୍ଗାକୁ ବ୍ୟବସ୍ଥିତ କରିବା ପାଇଁ ଉଦ୍ଦିଷ୍ଟ ଷଡ଼ଯନ୍ତ୍ରର ଅଭିଯୋଗ- ଅସ୍ପଷ୍ଟ, ଅନିର୍ଦ୍ଦିଷ୍ଟ ବିବୃତି ଉପରେ ଆଧାରିତ ଯାହା ଆଇନରେ ସ୍ୱାଭାବିକ ରୂପରେ ଅବିଶ୍ୱସନୀୟ ଅଟେ । ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଏଫ୍‌ଆଇଆର ଗୁଡ଼ିକରେ ହୋଇଥିବା ଅନୁସନ୍ଧାନକୁ ଏଫ୍‌ଆଇଆର୍ ୫୯ରେ ସମାନ ଅଭିଯୋଗର ଅନୁସନ୍ଧାନ ସହିତ ତୁଳନା କଲେ ଅନେକ ବିରୋଧାଭାସ ଏବଂ ଅସଙ୍ଗତି ସାମ୍ନାକୁ ଆସୁଛି । ପ୍ରଥମ ଚାର୍ଜସିଟ୍‌ରେ ଦିଆଯାଇଥିବା ଦାବି ଉପରେ ଏସବୁ ଏକ ଆବରଣ ପକାଇ ଦେଉଛି । ଏହା କମିଟିର ମତ ଯେ ଯଦି ଅଭିଯୋଜିତ ମାମଲା ମୂଳତଃ ମନଗଢ଼ା ଭାବରେ ଉପସ୍ଥାପନ କରା ଯାଉଥିବା ଦୋଷକୁ ବହନ କରେ, ତେବେ ଏହି କଳଙ୍କର ପ୍ରଭାବ ସମଗ୍ର ତଦନ୍ତ କାର୍ଯ୍ୟ ଉପରେ ପଡ଼ିଥାଏ ।

## ଆଇପିସି ମାମଲାଗୁଡ଼ିକର ତଦନ୍ତ

ଆଇପିସି ମାମଲାଗୁଡ଼ିକର ତଦନ୍ତର ବିଶ୍ଳେଷଣ କଲେ ଦେଖାଯାଏ ଯେ ଉଭୟ ପୁଲିସ୍, ସାଧାରଣ ଲୋକ ଓ ପୋଲିସଙ୍କର ବୟାନ ବିଳମ୍ବରେ ନିଆଯାଇଛି, କିନ୍ତୁ ବିଳମ୍ବ ହେବାର କୌଣସି ସ୍ପଷ୍ଟୀକରଣ ଦିଆ ଯାଇନାହିଁ । ଟ୍ରାଏଲ କୋର୍ଟ ମଧ୍ୟ ଆଇପିସି ମାମଲାରେ ଜାମିନ ପ୍ରଦାନ କରୁଥିବା ବେଳେ ସେହି ମାମଲାରେ ଦଣ୍ଡବିଧାନକାରୀଙ୍କ ପକ୍ଷର ବର୍ଣ୍ଣନାର ଅସଙ୍ଗତି ଉପରେ ମନ୍ତବ୍ୟ ଦେଇଛନ୍ତି ଯେଉଁଠାରେ ମୁସଲମାନମାନଙ୍କୁ ମାଡ଼ ମାରିବାରେ ହିନ୍ଦୁ ସମ୍ପ୍ରଦାୟ ସହିତ ମୁସଲମାନମାନେ ଯୋଗ ଦେଇଛନ୍ତି ବୋଲି ଆରୋପ ଲଗା ଯାଇଛି । ଏହି କମିଟି ଲକ୍ଷ୍ୟ କରିଛି ଯେ ଯେଉଁମାନେ ହିଂସାକାଣ୍ଡର ଅଳ୍ପ କିଛି ସମୟ ପୂର୍ବରୁ ଘୃଣାତ୍ମକ ଭାଷଣ ଦେଇଥିଲେ (ଯାହା ମଧ୍ୟରୁ ଅନେକ ଘୃଣାର ବକ୍ତବ୍ୟ ଅପରାଧ ସହିତ ସମାନ) ସେମାନଙ୍କ ଭୂମିକା ସମ୍ପର୍କରେ ଯାଂଚ କରିବାରେ ପୁଲିସ ଅବହେଳା କରିଛି ।

ଏହି କମିଟି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ ଯାଂଚଟି ସାମଗ୍ରିକ ଭାବରେ ତ୍ରୁଟିପୂର୍ଣ୍ଣ । ଘୃଣାର ବକ୍ତବ୍ୟ ଏବଂ ହିଂସାର ଆହ୍ୱାନ ସହିତ ହିଂସାର ପ୍ରକୋପ ମଧ୍ୟରେ ରହିଥିବା ସମ୍ପର୍କକୁ ଯାଂଚ ପରିସରରୁ ଏହା ବାଦ୍ ଦେଇଛି । ମୁସଲମାନମାନେ

ଏବଂ ଯେଉଁମାନେ ସିଏଏକୁ ବିରୋଧ କରୁଥିଲେ, ସେମାନଙ୍କୁ ଲକ୍ଷ୍ୟ କରାଯାଇ ଯାଂଚ ସବୁ ହୋଇଥିବା ମନେହୁଏ । କେବଳ ଏକ ନିରପେକ୍ଷ ଏବଂ ବଳିଷ୍ଠ ଅନୁସନ୍ଧାନ ହିଁ ସତ୍ୟ ଉପରେ ଆଲୋକପାତ କରି ପାରିବ, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରି ପାରିବ ଏବଂ ହିଂସା ପ୍ରପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରି ପାରିବ ।

## ୟୁଏପିଏର ଅଯୌକ୍ତିକ ବ୍ୟବହାର

ୟୁଏପିଏର ବ୍ୟାପକ ବ୍ୟବହାରର ଢାଂଚା ଗୁଡ଼ିକରୁ ରାଷ୍ଟ୍ର ଯେ ଉଦ୍ଦେଶ୍ୟମୂଳକ ଭାବରେ ଏହା କରିଛି ତାହା ଜଣାପଡେ । ଏହି ଆଇନ୍‌ଟି ଅଭିଯୁକ୍ତଙ୍କୁ ଦୀର୍ଘ ପ୍ରି-ଟ୍ରାଏଲ୍ (ପ୍ରାକ୍- ଏପରି ଯେ ବିଚାର) ହେପାଜତରେ ରହିବାକୁ ବାଧ କରେ । ପର୍ଯ୍ୟାପ୍ତ ପ୍ରମାଣର ଅଭାବ ହେତୁ ୟୁଏପିଏ ଅଭିଯୁକ୍ତ ପ୍ରାୟତଃ ସେମାନଙ୍କ ବିଚାର ପରେ ନିର୍ଦ୍ଦୋଷରେ ଖଲାସ ହେଉଥିଲେ ମଧ ବର୍ଷ ବର୍ଷ ଧରି ଜେଲରେ ରହିବାକୁ ବାଧ ହୋଇଥାନ୍ତି । ଆଇନଗତ ପ୍ରକ୍ରିୟା ହିଁ ଦଣ୍ଡ ପାଲଟି ଯାଇଥାଏ । ଏହି କମିଟି ୟୁଏପିଏର ବିସ୍ତୃତ ସମୀକ୍ଷା ପାଇଁ ଜରୁରୀ ଆବଶ୍ୟକତାକୁ ଦୋହରାଇଛି ।

## ଅନୁସନ୍ଧାନ ଆୟୋଗର ଆବଶ୍ୟକତା

ଏହି କମିଟି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ ଉତ୍ତର ପୂର୍ବ ଦିଲ୍ଲୀ ହିଂସାର ସମସ୍ତ କାରଣ ଜାଣିବା ପାଇଁ ଏକ ନିରପେକ୍ଷ ତଦନ୍ତ ନିମନ୍ତେ ଏକ କମିଶନ ଗଠନ କରାଯିବା ଉଚିତ୍ । ପ୍ରସ୍ତାବିତ ତଦନ୍ତ ଆୟୋଗ ପାଇଁ ଲାଗୁ କରାଯିବାକୁ ଥିବା ସର୍ତ୍ତାବଳୀ ଏବଂ ଅଧକ୍ଷଙ୍କ ଚୟନ ଏପରି ହେବା ଉଚିତ ଯାହା ପ୍ରଭାବିତ ସଂପ୍ରଦାୟ ମଧରେ ବିଶ୍ୱାସ ସୃଷ୍ଟି କରିବ ।

## ସାମଗ୍ରିକ ଶିକ୍ଷା

ଦିଲ୍ଲୀର ଉତ୍ତର ପୂର୍ବ ଜିଲ୍ଲାରେ ହୋଇଥିବା ହିଂସାକୁ ନେଇ କମିଟିର ଯାଂଚ ଆମକୁ ସାମ୍ବିଧାନିକ ମୂଲ୍ୟବୋଧ ତଥା ଭାରତର ଗଣତନ୍ତ୍ରର ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବିଷୟ ଗୁଡ଼ିକୁ ବୁଝିବା ପାଇଁ ଅନୁପ୍ରେରିତ କରିଛି । ଯାଂଚରୁ ଏକ ସୁପରିଚାଳିତ ମୁସଲମାନ ବିରୋଧୀ କାହାଣୀ ସହିତ ଜନସାଧାରଣଙ୍କ ମଧରେ ଘୃଣାତ୍ମକ ବାର୍ତ୍ତା ପ୍ରସାରଣ ହେଉଥିବାର ସଂକେତ ମିଳେ । ଘୃଣାର ବିଷୟବସ୍ତୁ ବିରୁଦ୍ଧରେ କାର୍ଯ୍ୟ କରିବାକୁ ଅନୁଷ୍ଠାନମାନଙ୍କଠାରେ ଇଚ୍ଛାଶକ୍ତିର ଘୋର ଅଭାବ ଦେଖା ଦେଇଛି ବୋଲି ପ୍ରତୀୟମାନ ହୁଏ ।

ଘୃଣାର କାହାଣୀ ପ୍ରଚାର କରିବାରେ ଗଣମାଧମର କିଛି ଅଂଶ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ରିପୋର୍ଟରେ ବର୍ଣ୍ଣିତ ହୋଇଛି । ଗଣମାଧମ ଗୁଡିକୁ ଦୈନିକ ଦେଖୁଥିବା ଦର୍ଶକ, ଏବଂ ସେମାନଙ୍କର ସାମାଜିକ ଗଣମାଧମ ଉପସ୍ଥିତି, ସ୍ପଷ୍ଟ କରେ ଯେ ଘୃଣାର କାହାଣୀଗୁଡ଼ିକ ବହୁ ସଂଖ୍ୟାରେ ଲୋକମାନଙ୍କ ପାଖରେ ପହଂଚିଥାଏ । ଖାଲି ସେତିକି ନୁହେଁ, ପ୍ରସାରଣ ତଦାରଖ ସଂସ୍ଥାଗୁଡ଼ିକ ଠାରୁ ଚ୍ୟାନେଲଗୁଡ଼ିକର ପ୍ରଭାବ ବହୁ ଅଧିକ ଥିବା ଜଣାପଡେ । ଘୃଣାର ବକ୍ତବ୍ୟ ଏବଂ ହିଂସାତ୍ମକ ବିଷୟବସ୍ତୁର ବାହକ ଭାବରେ ସାମାଜିକ ଗଣମାଧମ ଉପରେ କିଛି ଅଙ୍କୁଶ ପ୍ରାୟ ନଥାଏ । ସାମାଜିକ ଗଣମାଧମରେ ଅତ୍ୟଧିକ କ୍ଷତିକାରକ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା, ଆମ ସମୟର ସବୁଠାରୁ ଜରୁରୀ ଆହ୍ୱାନ ଗୁଡ଼ିକ ମଧରୁ ଗୋଟିଏ ।

ଉତ୍ତର ପୂର୍ବ ଦିଲ୍ଲୀରେ ସିଏଏ ବିରୋଧୀ ବିକ୍ଷୋଭ ପ୍ରଦର୍ଶନକୁ ଅନ୍ତ କରିବାର ଲକ୍ଷ୍ୟକୁ ଦଙ୍ଗା ଓ ହିଂସା ଠାରୁ ପୃଥକ୍ ଭାବରେ ଦେଖାଯାଇପାରିବ ନାହିଁ । ୟୁଏପିଏର ଉଦ୍ଦେଶ୍ୟମୂଳକ ବ୍ୟବହାରକୁ ମଧ ଅଣଦେଖା କରାଯାଇ ପାରିବ ନାହିଁ । ଏହା କେବଳ ଆଇନର ଚରମ ଅପବ୍ୟବହାର ନୁହେଁ, ବରଂ ଅପରାଧିକ ଆଇନର ଉପକରଣଙ୍କୁ ବ୍ୟବହାର କରି ଅସନ୍ତୋଷକୁ ଦବାଇ ଦେବା ପାଇଁ ଏକ ପ୍ରବୃତ୍ତିକୁ ପ୍ରତିପାଦିତ କରେ । ବିକ୍ଷୋଭକାରୀଙ୍କୁ ନିରବ କରିବା ପାଇଁ ହିଂସାର ବ୍ୟବହାର ଏବଂ ପରବର୍ତ୍ତୀ ତଦନ୍ତରେ ୟୁଏପିଏର ବ୍ୟବହାର ବିରୋଧ ପ୍ରଦର୍ଶନ ଉପରେ ଏକ ଶୀତଳ ପ୍ରଭାବ ପକାଇଛି । ଏଭଳି କାର୍ଯ୍ୟ ଆମ ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରେ ।

ସହାନୁଭୂତିଶୀଳ ପାରସ୍ପରିକ କାର୍ଯ୍ୟକଳାପକୁ ସକ୍ଷମ କରୁଥିବା ସହାନୁଭୂତିଶୀଳ ଚିନ୍ତାଧାରା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦ୍ୱନ୍ଦ୍ୱ ସମାଧାନ ପାଇଁ କଳ୍ପନା ଏକ ବହୁବାଦୀ ସମାଜର ଦୀର୍ଘସ୍ଥାୟିତ୍ୱ ପାଇଁ ଅତ୍ୟାବଶ୍ୟକ ଗୁଣ ଅଟେ । ଏହା ହେଉଛି କମିଟିର ଦୃଷ୍ଟିକୋଣ ଯେ ଏହି ସାମ୍ପ୍ରଦାୟିକ ପର୍ଯ୍ୟାୟ ଆଭ୍ୟନ୍ତରୀଣ ପ୍ରକ୍ରିୟାଗୁଡ଼ିକୁ ପଛରେ ପକାଇ ଦେଇଛି, ଯାହା ମାଧ୍ୟମରେ ଏକ ବହୁ- ସଂସ୍କୃତି ସମାଜ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ଭାବ ସୃଷ୍ଟି କରେ ଏବଂ ଏହାର ବହୁବିଧତାକୁ ଏକ ଶକ୍ତିରେ ପରିଣତ କରେ । ଏହା ପରିବର୍ତ୍ତେ ଘୃଣାର ଏକ ସ୍ଥାପତ୍ୟ ଗଢ଼ା ହୋଇଛି ଏବଂ ହିଂସା ପାଇଁ ପଥ ସୁଦୃଢ଼ ହୋଇଛି । ସମ୍ପ୍ରଦାୟ ଗୁଡ଼ିକ ମଧ୍ୟରେ ସୁସ୍ଥ ମନୋଭାବ କମିଛି ଏବଂ ଏହାର ପୁନରୁଦ୍ଧାର ପାଇଁ ସେମାନଙ୍କ କ୍ଷମତା ମଧ୍ୟ ହ୍ରାସ ପାଇଛି । ଆଗକୁ ଏକମାତ୍ର ରାସ୍ତା ହେଉଛି ରାଷ୍ଟ୍ର ନ୍ୟାୟ ପ୍ରଦାନ ଦିଗରେ ଅନବରତ କାର୍ଯ୍ୟ କରି ଚାଲିବା, ଯାହା ପ୍ରତିଷ୍ଠିତ ହୋଇଥିବ ଭ୍ରାତୃଭାବ, ସମାନତା ଏବଂ ସ୍ୱାଧୀନତାର ଭିତ୍ତି ଉପରେ ।